# ଜିଲ୍ଲାବ୍ୟାପୀ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ବିକ୍ଷୋଭ

ଭୋଗରାଇ, ୨।୮ (ସମିସ)




୬ ଦଫା ଦାବି ନେଇ ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶନିବାର ଭୋଗରାଇ ବ୍ଲକ ଶ୍ରୀବସ୍ତପୁର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଶନିବାର ମଧାହ୍ନ ୧୧ ଟାରେ ପ୍ରାକ୍ ଗଣ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମନ୍ୱୟ ସମିତିର ସଭାପତି ଦେବେନ୍ଦ୍ର ଜେନା ଙ୍କ ସଭାପତିତ୍ୱରେ ଶତାଧିକ ଶିକ୍ଷିକା ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ବିଇଓ କାର୍ଯ୍ୟାଳୟ ପରିସରରେ ଦୀର୍ଘ ସମୟ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ କ୍ଷଓଷ୍ଟାର ଦକ୍ଷିଣ ଭୋଗରାଇ ସମ୍ପାଦକ ଶାଶ୍ୱତ କୁମାର ଜେନା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରଦାନ କରିଥିବା ବେଳେ ସମନ୍ୱୟ ସମିତିର ମହା ସଚିବ ନଟରଞ୍ଜନ ଘରାଇ, ସମ୍ପାଦକ ପ୍ରଶାନ୍ତ ମହାନ୍ତି, ଓଷ୍ଟାର ପୂର୍ବତନ ଶିକ୍ଷକ ନେତା ଡ. ସନ୍ତୋଷ କୁମାର ପାତ୍ର, ଗୋପବନ୍ଧୁ ମହାପାତ୍ର, ଶ୍ରୀନିବାସ ପ୍ରଧାନ, ସୁବ୍ରତ କୁମାର ଘଡ଼ାଇ, ବିଜୟାନନ୍ଦ ପଟ୍ଟନାୟକ, ଦକ୍ଷିଣ ଭୋଗରାଇ ଓଷ୍ଟାର ସଭାପତି ମହେଶ୍ୱର ଗିରି, ଉତ୍ତର ଭୋଗରାଇ ଓଷ୍ଟ ର ସଭାପତି କୁଳମଣୀ ଜେନା, ସମ୍ପାଦକ ବ୍ରଜଗୋପାଳ ଦାସ, ସମନ୍ୱୟ ସମିତିର ସାଙ୍ଗଠନିକ ସମ୍ପାଦକ ବାଲଗୋପାଳ ଦାସ, ଏନ ପି ଏସ ସଂଘର ସଭାପତି ବଂଶୀଧର ମାଝୀ ପ୍ରମୁଖ ଶିକ୍ଷିକା, ଶିକ୍ଷକ ଓ କର୍ମଚାରୀଙ୍କ ଅବିଳମ୍ବେ ନ୍ୟାୟଚିତ ଦାବି ସରକାର ମାନି ନନେଲେ ସମସ୍ତ ସ୍କୁଲ, କଲେଜରେ ତାଲା ପଡିବା ସହିତ ରାଜରାସ୍ତାକୁ ଶିକ୍ଷକ ସମାଜ ଓହ୍ଲାଇବେ ବୋଲି ସୂଚନା ଦେଇଥିଲେ ।

**ଜଳେଶ୍ୱର ବ୍ଲକ:** ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ଗ୍ରେଡପେରେ ଥିବା ଅସଙ୍ଗତି ଦୂର କରିବା, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି କରିବା ।୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନେସନାଲ୍ ଇନ୍କ୍ରିମେଣ୍ଟ ସହିତ



ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ୍ ପରିବର୍ତ୍ତେ ପୁରାତନ ପେନସନ୍ ସ୍କିମ୍‌ର ପୁନଃ ପ୍ରଚଳନ କରିବା ପ୍ରଭୃତି ଛଅ ଦଫା ଦାବି ନେଇ ଶିକ୍ଷକ ସିକ୍ଷୟତନ ଓ ଶିକ୍ଷା ବ୍ୟବସ୍ଥାରେ ଥିବା ଅସଙ୍ଗତିକୁ ଦୂର କରିବା ଉଦ୍ଦେଶ୍ୟରେ ଓଡିଶା ସ୍କୁଲ କଲେଜ ଶିକ୍ଷକ ଶିକ୍ଷା କର୍ମଚାରୀ ସମନ୍ୱୟ ସମିତି ଜଳେଶ୍ୱର ତରଫରୁ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଜଳେଶ୍ୱର ଓଷ୍ଟାର ସଭାପତି ଶ୍ରୀଯୁକ୍ତ ସୁକୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜଳେଶ୍ୱର ଓଷ୍ଟାର ସଂପାଦକ ହରେକୃଷ୍ଣ ଜେନା, ରାଇବଣିଆ ଓଷ୍ଟାର ସଂପାଦକ ହରମୋହନ ମହନ୍ତ,ଜଳେଶ୍ୱର ଓଲ ଓଷ୍ଟାର ସଂପାଦକ କୁମୁଦ ରଞ୍ଜନ ଜେନା, ବାଲେଶ୍ୱର ଜିଲ୍ଲା ଓଷ୍ଟା ସଭାପତି ମନୋରଂଜନ ଦାସ,ଗୌରୀ ବାଳା ଦତ୍ତ,କନ୍ୟା କୁମାରୀ ପାଳ, ଅଞ୍ଜନା ଦାସ ଅଧିକାରୀ,କୁନ୍ତଳା ସାମଲ,ଜୟନ୍ତି ପରିଡ଼ା, ସବିତା ରାଣୀ ପଣ୍ଡା,ହରିପଦ ସିଂହ, ଅରବିନ୍ଦ ସାମଲ,ବିଜୟ କୁମାର ଗିରି, ବିନୋଦ ବିହାରି ମହାପାତ୍ର,କେଶବ ଚନ୍ଦ୍ର ପରିଡା,ପ୍ରଦୀପ କୁମାର ଜେନା, ହରିଶଙ୍କର ମହାନ୍ତି,ରବିନ୍ଦ୍ର ପାଳ,ଶ୍ୟାମ ସୁନ୍ଦର ଦେ ପ୍ରମୁଖ ଶତାଧିକ ସ୍କୁଲ କଲେଜ ଶିକ୍ଷକ ଶିକ୍ଷା କର୍ମଚାରୀ ଉପସ୍ଥିତ ରହି ଧାରଣା ଓ ପ୍ରତିବାଦ କରିଥିଲେ ।

**ଖଇରା:** ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆନୁକୂଲ୍ୟରେ ୫ଦଫା ଦାବି ନେଇ ଗଣଧାରଣା ଅନୁଷ୍ଠିତ ହୋଇ ଯାଇଛି । ଓଷ୍ଟା ଖଇରା ବ୍ଲକ ସଭାପତି ବ୍ରହ୍ମାନନ୍ଦ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁକ୍ତିକାନ୍ତ ଶତପଥି, ଜିତେନ୍ଦ୍ର ବେହେରା,ମାନସ ମହାପାତ୍ର, ଭରତ ଚନ୍ଦ୍ର ଦାସ, ବିଜୟକୁମାର ଦ୍ୱିବେଦୀ, ଜୟନ୍ତ କୁମାର ପଣ୍ଡା, ଜଗତାନନ୍ଦ ମହାପାତ୍ର, ବନମାଳୀ ବାରିକ, ପରେଶ ଦକ୍ଷିଣରାୟ, ପ୍ରଫୁଲ୍ଲ କୁମାର ଦାଶ,ଶଙ୍କର୍ଷଣ ଜେନା,ରଘୁନାଥ ନାୟକ, ରବିନ୍ଦ୍ର ମହାନ୍ତି, ତପନ କୁମାର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ଶିକ୍ଷକନେତା, ଶିକ୍ଷାବିତ ଯୋଗ ଦେଇ ଶିକ୍ଷକ ଙ୍କ ଦାବୀକୁ ଯଥାର୍ଥ ଦର୍ଶାଇ ଏହା ପୁରଣ କରିବାକୁ ସରକାରଙ୍କ ନିକଟରେ ଦାବି କରିଥିଲେ । ଶିକ୍ଷକ ସମନ୍ୱୟ




ସମିତି ଆବାହକ ବିଷ୍ଣୁ ପ୍ରସାଦ ମିଶ୍ର ଆନ୍ଦୋଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଯୁଗ୍ମସମ୍ପାଦକ ପ୍ରଶାନ୍ତ କୁମାର ହୋତା ମଞ୍ଚ ଆହ୍ୱାନ ଓ ଉପସଭାପତି ଭରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଏକ ଦାବିପତ୍ର ଗୋଷ୍ଠୀ ଶିକ୍ଷାଧିକାରିଣୀଙ୍କୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା ।

**ନୀଳଗିରି:** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଙ୍ଘ ପକ୍ଷରୁ ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଏହି




ଧାରଣାରେ ଶିକ୍ଷକ ଭାସ୍କର ଚନ୍ଦ୍ର ଜେନା, ପ୍ରମୋଦ କୁମାର ସାହୁ, ସୁରେନ୍ଦ୍ର ପାତ୍ର, ଅଜୟ ପରିଡା, ବିଶ୍ୱନାଥ ନାୟକ, ପ୍ରଫୁଲ ମହାପାତ୍ର, ସୁଦୀପ କୁମାର ପଣ୍ଡା, ସୂର୍ଯ୍ୟ କୁମାର ପଣ୍ଡା,ପ୍ରଶାନ୍ତ ବିଶ୍ୱାଳ, କମଳାକାନ୍ତ ଦାସ, ସରୋଜ ସୁନ୍ଦର ସିଂହ, ଖଗେଶ୍ୱର ଆରୁଖ, ଜୀତେନ୍ଦ୍ର ଉପାଧ୍ୟାୟ, ରମାକାନ୍ତ ପାଣିଗ୍ରାହୀ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ ।

**ବାଲିଆପାଳ:** ଏହି ବ୍ଲକ ଓଡ଼ିଶା ସ୍କୁଲ, କଲେଜ, ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶନିବାର ପୂର୍ବାହ୍ନରେ ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କ




କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ସମଗ୍ର ଓଡ଼ିଶାରେ ସରକାର ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ ଏବଂ ଛାତ୍ର ଛାତ୍ରୀ ମାରଣ ନୀତି ବିରୁଦ୍ଧରେ ଏହି ପ୍ରତିବାଦ ସଭା ଓଡ଼ିଶାର ୩୧୪ ବ୍ଲକରେ କରାଯାଉଛି ବୋଲି ଓଷ୍ଟା ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର କହିଛନ୍ତି । ଓଡ଼ିଶାର ୧୯୪ ବିଦ୍ୟାଳୟ ପାଖାପାଖି ତିରିଶି ବର୍ଷ କାର୍ଯ୍ୟ କରିବା ପରେ ମଧ୍ୟ କୈଣସି ସରକାରୀ ଅନୁଦାନ ମିଳୁନାହିଁ । ପେନସନ ଓ ଅବସରକାଳୀନ ସୁଯୋଗ ପ୍ରଦାନ, ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଗ୍ରେଟ୍ ପେର ତ୍ରୁଟି ସଂଶୋଧନ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକ ସରକାରୀକରଣ, ଶିକ୍ଷକ ନିଯୁକ୍ତି,୨୦୦୪ ରୁ ୨୦୧୩ ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଶିକ୍ଷକ ମାନଙ୍କୁ ବଢ଼ା ଦରମା ସହିତ ବରିଷ୍ଠତା ପ୍ରଦାନ ଏବଂ ପୁରୁଣା ପେନସନ ସୁବିଧା ଉପଲବ୍ଧ କରିବା ନେଇ ଏକ ଦାବି ପତ୍ର ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟରଞ୍ଜନ ଭୂୟାଁଙ୍କ ଜରିଆରେ ଦିଆଯାଇଛି । ସରକାର ଏହି ଦାବି ପୂରଣ ନକଲେ ଆଗାମୀ ଦିନରେ ହଜାର ହଜାର ସଂଖ୍ୟାରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନେ ବିଧାନସଭା ସମ୍ମୁଖରେ ବିକ୍ଷୋଭ କରିବେ ବୋଲି ସମିତି ସମନ୍ୱୟର ଓଷ୍ଟା ସମ୍ପାଦକ ବିନୋଦ କୁମାର ଜେନା, ପ୍ରଶାନ୍ତ କୁମାର କରଣ, ଜନ୍ମେଜୟ ଦାସ, ଅଶୋକା ନାୟକ, ଗୋପାଳ କୁମାର ପାତ୍ର, ନରେନ୍ଦ୍ର ପ୍ରଧାନ, ଅଞ୍ଜଳି ସାହୁ, ରବିନ୍ଦ୍ର ପ୍ରଧାନ, ଶ୍ୟାମସୁନ୍ଦର ପରିଡ଼ା, ସଞ୍ଜୟ କୁମାର ଗିରି, ତପନ କୁମାର ଗିରି ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ନୂତନ ବୁଥ୍ ଗଠନ ନେଇ ସର୍ବଦଳୀୟ ବୈଠକ



ଜଳେଶ୍ୱର ବ୍ଲକ, ୨।୮ (ସମିସ) : ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ପଞ୍ଚାୟତ ସମିତିର ଭୋଟର ମାନଙ୍କର ମତଦାନର ଗମନାଗମନ ବିଭିନ୍ନ ସମସ୍ୟାର ସମାଧାନ ଲାଗି ଓ ସରଳୀକୃତ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ବୁଥ ସମ୍ପ୍ରସାରଣ ହେଉଅଛି । ଏଥିରେ ଜଳେଶ୍ୱର ପଞ୍ଚାୟତ ସମିତି ଅଧିନରେ ୧୬୬ ଟି ବୁଥ ରହିଥିଲା ଯେଉଁ ବୁଥରେ ୧ହଜାରରୁ ଉର୍ଦ୍ଧ ଭୋଟର ରହୁଛନ୍ତି ଓ ଯେଉଁ ଗ୍ରାମର ଭୋଟର ମାନେ ଦୂରତା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ମତଦେବା ପାଇଁ ବୁଥକୁ ଯାଉଥିଲେ ସେମାନେଙ୍କର ସ୍ଥାୟୀ ସମାଧାନ ନେଇ ଆଉ ୮୩ ଟି ନୂତନ ବୁଥ ଗଠନ ହେଉଅଛି । ଏହାକୁ ନେଇ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଓ ଜିପିଡିଓ ସଲିମା ରାଉତ ଉପସ୍ଥିତିରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା, ବିଜୁ ଜନତା ଦଳର ବ୍ଲକ ସଭାପତି ଦିଲ୍ଲୀପ କୁମାର ସାମଲ, ବିଜେପି ଦଳର ନେତା ବ୍ରଜ ମୋହନ ପ୍ରଧାନ, କଂଗେସ ଦଳର ନେତା ସବ୍ୟସାଚୀ ଦାସ, ସିପିଆଇଏମ୍ ଦଳର ନେତା ଦିଲ୍ଲିପ ଗିରି ପ୍ରମୁଖ ଉପସ୍ଥିତ ରହିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ଚନ୍ଦନେଶ୍ୱର, ୨।୮ (ସମିସ) : ଭୋଗରାଇର ଚନ୍ଦନେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପ୍ରାୟ ୩୦ରୁ ଅଧିକ କୁନି ବୈଜ୍ଞାନିକ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଏ ନେଇ ଆୟୋଜିତ ଉଦଘାଟନୀ ସଭାକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଧାଶ୍ୟାମ ଦେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ସମାଜସେବୀ ରାଧାକାନ୍ତ ପ୍ରଧାନ ଯୋଗଦେଇ ବିଜ୍ଞାନର ଉପାଦେୟତା ଓ ଆବଶ୍ୟକତା ସମ୍ପର୍କରେ କହିଥିଲେ । ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦୀପକ କୁମାର ଜେନା ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମଙ୍କ ଜୀବନାଦର୍ଶକୁ ଆପଣେଇବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀପତି ସାଁ, ସମ୍ପାଦକ ରାମଚନ୍ଦ୍ର ପ୍ରଧାନ, ସରୋଜ କୁମାର ଦେ, ସମାଜସେବୀ ଚନ୍ଦନ ପ୍ରଧାନ, କନକ ପ୍ରଧାନ, ହରେକୃଷ୍ଣ ଗିରି ପ୍ରମୁଖ ଯୋଗଦେଇ ସମାଜପ୍ରତି ବିଜ୍ଞାନର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସୁରେଶ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ, ବୌଦ୍ଧିକ ପ୍ରମୁଖ ଡଲିରାଣୀ ପ୍ରଧାନ ସଂଚାଳନ ଓ ଶେଷରେ ବିଜ୍ଞାନ ସହ ପ୍ରମୁଖ ରାମକୃଷ୍ଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ୟାକ୍ସ ସଲ୍ୟୁସନ ପକ୍ଷରୁ ସଚେତନତା ଶିବିର

ନୀଳଗିରି, ୨।୮ (ସମିସ): ନୀଳଗିରିସ୍ଥିତ ଟ୍ୟାକ୍ସ ସଲ୍ୟୁସନ ପକ୍ଷରୁ ନୀଳଗିରି ଏନ୍ ଏ ସି କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମହେନ୍ଦ୍ରା କ୍ଲଷ୍ଟର ମୁଖ୍ୟ ଗିରିଜା ଶଙ୍କର ମିଶ୍ର, ମହେନ୍ଦ୍ରା ଜୋନାଲ ମୁଖ୍ୟ ସନ୍ତୋଷ ସିଂ, କେୟାର ହେଲ୍ଥ ଜୋନାଲ ହେଡ ସଞ୍ଜୟ ମହାରଣା, ମହର୍ଷି ମୁଖାର୍ଜୀ, ନିଳଗିରି କାନାରା ବ୍ୟାଙ୍କ ଫିଲଡି ଅଫିସର ଜେ ପି ସାର୍, ସୂର୍ଯ୍ୟୋଦୟ ବ୍ୟାଙ୍କ ଅଧିକାରୀ ମଳୟ କୁମାର ବାଲ୍, ଇଣ୍ଡିଆ ପୋଷ୍ଟ ର ସୁଦୀପ୍ତ ଶାହ, ପ୍ରଦୀପ୍ତ ସାର୍, ପ୍ରମୁଖ ଉପସ୍ଥିତ ରହି ଶାରୀରିକ ଓ ଆର୍ଥିକ ସୁରକ୍ଷା ଉପରେ ଆଲୋଚନା କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଅଧିକାରୀ ମାନେ ପ୍ରତି ନାଗରିକ ଅଳ୍ପ ସଞ୍ଚିତ ଜମା ରାଶିକୁ କିପରି ସୁରକ୍ଷିତ ରଖିବେ ସେ ଦିଗରେ ଆଲୋଚନା କରିବା ସହ ଇନକମ୍ ଟ୍ୟାକ୍ସ, ଜିଏଷ୍ଟି, ବୀମା, ବ୍ୟାଙ୍କିଙ୍ଗ ଲୋନ୍, ବ୍ୟବସାୟ ଲୋନ, ବ୍ୟାଙ୍କ୍ କାରବାର, ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ଅନେକ ବ୍ୟବସାୟୀ, ଜମାକାରୀମାନେ ଉପସ୍ଥିତ ଥିଲେ । ନୀଳଗିରି ଟ୍ୟାକ୍ସ ସଲ୍ୟୁସନର ନିହାର ରଞ୍ଜନ ବେହେରା ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ।

## ପିଏମ୍ କିଷାନ ସମ୍ମାନ ନିଧି ପ୍ରଦାନ ଉତ୍ସବ

ବାଲେଶ୍ୱର,୨।୮ (ସମିସ): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପିଏମ କିଷାନ ସମ୍ମାନ ନିଧି ପ୍ରଦାନ ଉତ୍ସବ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ । ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ ମଧ ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ଉତ୍ତର ପ୍ରଦେଶର ବାରାଣସୀରୁ ଜାତୀୟସ୍ତରରେ ଅନୁଷ୍ଠିତ ମୁଖ୍ୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା ଯେଉଁଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ କ୍ଲିକ୍ ଦ୍ୱାରା ପିଏମ କିସାନ ସମ୍ମାନ ନିଧି ଯୋଜନା ଅନ୍ତର୍ଗତ ୨୦ତମ କିସ୍ତିରେ ଦେଶର




୯ କୋଟି ୭୦ ଲକ୍ଷରୁ ଅଧିକ ଚାଷୀଙ୍କୁ ମୋଟ ୨୦,୫୦୦ କୋଟି ଟଙ୍କାର ରାଶି ଡିବିଟି ମାଧ୍ୟମରେ ହସ୍ତାନ୍ତର କରିଥିଲେ । ବାଲେଶ୍ୱର ଜିଲ୍ଲାରେ ସର୍ବମୋଟ ୨,୪୩,୬୯୪ ଜଣ ହିତାଧିକାରୀ ଥିଲେ । ସେଥିମଧ୍ୟରୁ ଭୋଗରାଇରେ ସର୍ବାଧିକ ୪୦୪୫୭, ଖଇରା ରେ ୨୬୧୪୪, ବାଲିଆପାଳ ରେ ୨୪୩୩୮,ସଦର ରେ ୨୧୨୦୭,ସିମୁଳିଆ ରେ ୧୯୬୬୪, ବସ୍ତା ରେ ୧୯୯୮୯, ଜଳେଶ୍ୱରରେ ୨୧୧୯୯,ରେମୁଣା ରେ ୧୬୮୯୮, ବାହାନଗା ରେ ୧୫୪୧୨, ସୋରରେ ୧୫୧୪୫, ଔପଦାରେ ୧୦୫୩୯ ଓ ନୀଳଗିରିରେ ୧୨୭୦୨ ଜଣ ହିତଧିକାରୀ ଥିଲେ । ଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଲଙ୍ଗଳେଶ୍ୱର, ୨।୮ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଳଙ୍ଗ ଗ୍ରାମ ପୂର୍ବ ସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ରାଉତ ଅବସର ଗ୍ରହଣ କରିବା ପରେ ବିଦ୍ୟାଳୟ ତରଫରୁ ଆଜି ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଆଦିକନ୍ଦ ମହାନ୍ତି ଯୋଗଦେଇ ଛୋଟ ଛୋଟ ପିଲାମାନଙ୍କୁ ପାଠ ପଢେଇବା ସହ ମଣିଷ ତିଆରି କାରଖାନାରେ କାରିଗର ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ରଘୁନାଥ ଶିଶୁ କଲ୍ୟାଣ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ



ରବୀନ୍ଦ୍ର କୁମାର ଦାସ, ସମ୍ମାନିତ ଅତିଥି ଭାବେ ଶ୍ରୀନାଥ ଜେନା, ମୃତ୍ୟୁଞ୍ଜୟ ମୈକାପ, ଅମୂଲ୍ୟ ମହାନ୍ତି, ନିତ୍ୟାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଜଣେ ଛାତ୍ର ବତ୍ସଳ ଥିଲେ । ପିଲା ମାନଙ୍କୁ ଉଚ୍ଚମାନର ଶିକ୍ଷା ଦେବାରେ ସେ ସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ । ଶିକ୍ଷକ ଅରୁଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅରୁଣ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ମଳୟ ଜେନା, ବବୃତ ଜେନା, ଗୁଣାଧାର ସାସମାଲ, ସରୋଜ କୁମାର ସାହୁ, ରାଜକୁମାର ମୈକାପ, ଆଶୀର୍ବାଦ ମହାନ୍ତି, ରବୀନ୍ଦ୍ର କୁମାର ମୈକପ ସମେତ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ପରିଚାଳନା କରିଥିଲେ ।

## ଦୁଇଟି ପ୍ରସଙ୍ଗରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଦାବିପତ୍ର

ନୀଳଗିରି, ୨।୮ (ସମିସ)

ଆଦିବାସୀ ଅଧ୍ୟୁଷିତ ନୀଳଗିରି ଉପଖଣ୍ଡରେ ସ୍ୱାଧୀନତାର ଦୀର୍ଘ ୭୮ବର୍ଷ ପରେ ମଧ ବିଭିନ୍ନକ୍ଷେତ୍ରରେ ଉନ୍ନତି ଘଟିନଥିବା ବେଳେ ଅନୁରୂପ ଭାବେ ଶିକ୍ଷାର ବିକାଶ ହୋଇପାରିନାହିଁ । ମାତ୍ର ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଦିନେ ସମଗ୍ର ଦେଶକୁ ପଥପ୍ରଦର୍ଶନ କରି ପ୍ରଥମ ଗଡ଼ଜାତ ରାଜ୍ୟଭାବେ ସ୍ୱାଧୀନ ଭାରତରେ ମିଶିଥିଲା । ତେଣୁ ତତ୍କାଳୀନ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନୀଳଗିରିକୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ବିଭିନ୍ନକ୍ଷେତ୍ରରେ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିଥିଲେ । ଏହିସବୁ ସ୍ୱତନ୍ତ୍ରକ୍ଷମତା ବଳରେ ନୀଳଗିରିକୁ ଉପଖଣ୍ଡର ମାନ୍ୟତା ମିଳିବା ସହିତ ଏହାର ଜନସାଧାରଣ ମାନଙ୍କ ପାଇଁ ଅଧିକାଂଶ ବଡ଼ବଡ଼ କାର୍ଯ୍ୟାଳୟ ନୀଳଗିରିଠାରେ ସ୍ଥାପନ କରାଯାଇ ଲୋକଙ୍କୁ ସେବା ଯୋଗାଇ ଦିଆଯାଉଥିଲା । ମାତ୍ର ଦୀର୍ଘ ୭୭ବର୍ଷ ପରେ ଉକ୍ତ ଅଞ୍ଚଳର ଶିକ୍ଷାର ଆଖିଦୃଶିଆ ବିକାଶ ହୋଇପାରିନାହିଁ । ୧୯୭୮ ମସିହାରେ ଦୁର୍ଦ୍ଦିନ ମଧ୍ୟରେ ନୀଳଗିରି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲେ ମଧ ଏପର୍ଯ୍ୟନ୍ତ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲାଯାଇ ପାରିନାହିଁ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ନୀଳଗିରି ଅଞ୍ଚଳର ମେଧାବୀପିଲାମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ତେଣୁ ଆଦିବାସୀପିଲା ଏବଂ ଆର୍ଥିକ ଅନଗ୍ରସର ବର୍ଗଙ୍କ ସ୍ୱାର୍ଥକୁ ଦୃଷ୍ଟିଦେଇ ନୀଳଗିରି ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବାପାଇଁ ଓଡ଼ିଶାର ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଓଡ଼ିଶା ଅବସରପ୍ରାପ୍ତ କର୍ମଚାରୀ ସଂଘ ନୀଳଗିରି ଶାଖା ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ଅନୁରୂପ ଭାବେ ରାଜତନ୍ତ୍ର ଶାସନ ସମୟରୁ ଏକ କାରାଗାର ପ୍ରତିଷ୍ଠାହୋଇ ଅଦ୍ୟାବଧି ଚାଲିଆସୁଥିଲା । ଉକ୍ତ ଉପକାରଗାରକୁ ବାଲେଶ୍ୱର ମୁଖ୍ୟକାରାଗାର ସହିତ ସମ୍ମିଶ୍ରଣ କରିବାକୁ ପ୍ରସ୍ତାବ ଥିବାବେଳେ ବର୍ତ୍ତମାନ ସରକାରଙ୍କ ସମୟରେ ଏହା କାର୍ଯ୍ୟକାରୀ ହୋଇ ସ୍ଥାନାନ୍ତର ହେବାକୁ ନିର୍ଦ୍ଦେଶ ହୋଇଛି । ଫଳରେ ନୀଳଗିରି ଅଞ୍ଚଳରେ ବିଭିନ୍ନ ଘଟଣାରେ ସଂପୃକ୍ତ ଦୋଷୀମାନଙ୍କୁ ବାଲେଶ୍ୱର ଜେଲ ଯିବାକୁ ପଡୁଛି । ତେଣୁ ପୂର୍ବସର୍ତ୍ତ ଅନୁଯାୟୀ ନୀଳଗିରିରୁ ଉପ କାରାଗାର ସ୍ଥାନାନ୍ତର ଏବଂ ମିଶ୍ରଣକୁ ବିରୋଧକରି ନୀଳଗିରି ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଲକ୍ଷ୍ମୀଧର ସ୍ୱାଇଁ, ଉପସଭାପତି ରାଧାମାଧବ କାନୁନଗୋ, ସାଧାରଣ ସମ୍ପାଦକ ମାୟାଧର ମହାନ୍ତି, ସହ ସମ୍ପାଦକ ନେତ୍ରାନନ୍ଦ ବିଶ୍ୱାଳ, ନିରଞ୍ଜନ ପାଢ଼ୀ, କୋଷାଧ୍ୟକ୍ଷ ଭାସ୍କର ଚନ୍ଦ୍ର ସାହୁଙ୍କ ସମେତ ରଘୁନାଥ ରଥ, ଅନ୍ନପୂର୍ଣ୍ଣା ଦାସ, ଦୟାନିଧି ମିଶ୍ର ପ୍ରମୁଖ ବହୁ ଅବସରପ୍ରାପ୍ତ କର୍ମଚାରୀ ଦାବୀ କରିଥିବା ସୂଚନା ମିଳିଛି ।

● **ପାରିବାରିକ କଳହରୁ ଉନ୍ମତ୍ତକାଣ୍ଡ**

## ଗଛରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ, ଉଦ୍ଧାର କଲା ପୁଲିସ

ଚନ୍ଦନେଶ୍ୱର, ୨।୮ (ସମିସ): ଭୋଗରାଇ ବ୍ଲକ କାନ୍ଠଥଭଉଁରୀ ପଞ୍ଚାୟତ ଅଧୀନ ବଡ଼ପାହି ଗ୍ରାମର ଜଣେ ବ୍ୟକ୍ତି ଗଛରେ ଚଡି ବେକରେ ରଶି ଲଗାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବା ଘଟଣା ଦେଖିବାକୁ ମିଳିଛି । ବଡ଼ପାହି ଗ୍ରାମର ରମେଶ ପଟ୍ଟାୟତ (୫୧) ପାରିବାରିକ କଳହକୁ କେନ୍ଦ୍ର କରି ଆଜି ଶନିବାର ଅପରାହ୍ନ ୪ଟା ସମୟରୁ ରାତି ୯ ଟା ଦୀର୍ଘ ସମୟ ପର୍ଯ୍ୟନ୍ତ ନିଜ ଘର ବାଡ଼ିରେ ଏକ ବଡ଼ ଗଛ ଉପରେ ଚଡି ବେକରେ ରଶି ଲଗାଇ ଆତ୍ମହତ୍ୟା କରିବାକୁ ଜିଦ କରୁଥିଲେ । ଖବର



ପାଇ ଚନ୍ଦନେଶ୍ୱର ଫାଣ୍ଡି ପୁଲିସ, ଭୋଗରାଇ ପୁଲିସ ଓ ଭୋଗରାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଯୁବକକୁ ଉଦ୍ଧାର କରିଥିଲେ । ପରେ କାନ୍ଥଭଉଁରୀ ପଞ୍ଚାୟତର ସରପଞ୍ଚ ଙ୍କ ପ୍ରତିନିଧି ଶ୍ରୀହରି ଜେନା ତଥା ଗ୍ରାମବାସୀଙ୍କ ପରାମର୍ଶ କ୍ରମେ ପୁଲିସ ଉକ୍ତ ବ୍ୟକ୍ତିକୁ ସ୍ଥାନୀୟ ଶ୍ରଦ୍ଧାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଲେ ।

## ସମୁଦ୍ରକୁ ମାଛ ମାରିବାକୁ ଯାଇ ୪ ନିଖୋଜ

ବାଲିଆପାଳ, ୨।୮ (ସମିସ): ସମୁଦ୍ରରୁ ମାଛ ମାରି ପରିବାର ପ୍ରତିପୋଷଣ କରିବା ସମୁଦ୍ର କୂଳବର୍ତ୍ତି ଅଧିକାଂଶ ଜନସାଧାରଣଙ୍କ ଏକ ନିତିଦିନିଆ ଜୀବନ ଜୀବିକା । ତେବେ ସବୁଦିନ ପରି ଆଜି ସକାଳୁ ମଧ ସମୁଦ୍ର ମଧ୍ୟକୁ ମାଛ ମାରିବାକୁ ବାହାରିଥିଲେ ବାଲିଆପାଳ ବ୍ଲକ ଚୌମୁଖ ପଞ୍ଚାୟତ କଙ୍କଡାପାଳ ଗ୍ରାମର ଡଙ୍ଗା ମାଲିକ ମଧୁସୂଦନ ଗିରି ( ୩୫) ସାଥିରେ ଥିଲେ ବାପା ଗୋପାଳ ଗିରି (୬୦) ମଧୁସୂଦନଙ୍କ ବଡ ଭାଇ ରବିନ୍ଦ୍ର ଗିରି (୩୮) ସମସ୍ତେ କଙ୍କଡାପାଳ ଗ୍ରାମର ଏବଂ ତାଙ୍କ ଶଳା ଜଗନ୍ନାଥ ପାଳ (୨୩) ଚୌମୁଖ ଗ୍ରାମର । ସମସ୍ତେ ନିୟମିତ ସମୁଦ୍ରରୁ ମାଛଧରି ଶୀଘ୍ର ଫେରି ଆସନ୍ତି । ସେମାନେ ଗଭୀର ସମୁଦ୍ରକୁ ନ ଯାଇ କୂଳ ଠାରୁ ଅଳ୍ପ ଦୂରରେ ମାଛଧରି ୨ରୁ ୩ଘଣ୍ଟା ମଧ୍ୟରେ କୂଳକୁ ଫେରି ଆସନ୍ତି । ମାତ୍ର ଆଜି ସକାଳ ୮ଟାରୁ ଚାରିଜଣ ଯନ୍ତ୍ର ଚାଳିତ ଡଙ୍ଗା ସାହାଯ୍ୟରେ ସମୁଦ୍ରକୁ ମାଛ ମାରିବାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବା ଦେଖି ପରିବାର ଲୋକେ କୌଣସି ଅଘଟଣ ଆଶଙ୍କା କରି ଦମକଳ କେନ୍ଦ୍ର ବାଲିଆପାଳ ଏବଂ ବାଲିଆପାଳ ପୁଲିସକୁ ଖବର ଦେଇଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ନା ଦମକଳ ବାହିନୀ ନା ବାଲିଆପାଳ ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ନଥିବା ସୂଚନା ମିଳିଛି ।ଏ ସଂକ୍ରାନ୍ତରେ ଗ୍ରାମବାସୀ ବିଧାୟିକା ସୁବାସିନୀ ଜେନାଙ୍କୁ ଫୋନ ମାଧ୍ୟମରେ ଜଣାଇ ସହାୟତା ଲୋଡିଥିବା ଜଣାପଡିଛି । ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ନିଖୋଜ ୪ଜଣଙ୍କର କୌଣସି ସୂଚନା ମିଳିନଥିବା ଜଣାପଡିଛି ।



# ପାଞ୍ଚପୀଢ଼କୁ ଜିଲ୍ଲା ଘୋଷଣା ଦାବିରେ ଗଣଧାରଣା




କରଞ୍ଜିଆ,୨।୮ (ସମିସ): ପାଞ୍ଚପୀଢ଼କୁ ଜିଲ୍ଲା ଘୋଷଣା ଦାବିରେ ଶନିବାରଠାରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳ ସମ୍ମୁଖରେ ଗଣଧାରଣା ଆରମ୍ଭ ହୋଇଛି । ପାଞ୍ଚପିଢ଼ ପ୍ରଗତିମଞ୍ଚର ସଭାପତି ଆଇନଜୀବୀ ସଞ୍ଜୟ କୁମାର ସାହୁଙ୍କ ନେତୃତ୍ୱରେ ୨ ଘଣ୍ଟିଆ ଅନ୍ଦୋଳନ ଆରମ୍ଭ ହୋଇଛି । ସୂଚନାଥାଉ କି କରଞ୍ଜିଆରେ ଦୀର୍ଘ ଦିନ ହେଲା ଏଡିଏମ, ଏଆରଟିଓ, ଅତିରିକ୍ତ ଏସପିଙ୍କ କାର୍ଯ୍ୟାଳୟ ଖୋଲିବା ନିମନ୍ତେ ଦୀର୍ଘଦିନ ହେଲା ଦାବିହୋଇ ଆସୁଛି । ସରକାର ଛୋଟଛୋଟ ବ୍ଲକକୁ ନେଇ ଜିଲ୍ଲା ଘୋଷଣା କରୁଥିବାବେଳେ ପାଞ୍ଚପିଢ଼କୁ ବାଦ ଦିଆଯାଇଛି । ସେହି ଦୃଷ୍ଟିରୁ ପାଞ୍ଚପିଢ ପ୍ରଗତି ମଞ୍ଚ ପକ୍ଷରୁ ଜିଲ୍ଲା ଘୋଷଣା ଦାବି ହୋଇଥିଲା । ଭୌଗୋଳିକ ଦୃଷ୍ଟିକୋଣରୁ ଉପଖଣ୍ଡର ସଦର ମହକୁମାଠାରୁ ଜିଲ୍ଲାର ସଦର ମହକୁମା ୧୨୫ କିମି । ଫଳରେ ଏହି ଅଞ୍ଚଳବାସୀଙ୍କୁ ତ୍ୱରିତ ସେବା ଯୋଗାଇବା ନିମନ୍ତେ ପାଞ୍ଚପିଢ଼କୁ ଜିଲ୍ଲା ଘୋଷଣା କରିବା ନିହାତି ଦରକାର । ଏହି ଉପଖଣ୍ଡ ତୁଳନାତ୍ମକ ଭାବେ ଅଧିକ ରାଜସ୍ୱ ସରକାରଙ୍କୁ ଦେଉଛି । ଆଗାମୀ ଦିନରେ ଜିଲ୍ଲାର ଏକ ବୃହତ ସହରର ମାନ୍ୟତା ପାଇବାର ସମ୍ଭାବନା ରହିଛି । ସବୁ କ୍ଷେତ୍ରକୁ ଦେଖିଲେ ପାଞ୍ଚପିଢ ଅଞ୍ଚଳ ଜିଲ୍ଲା ମାନ୍ୟତା ପାଇବାକୁ ଯୋଗ୍ୟ । ତେଣୁ ମଞ୍ଚର ଦାବିର ଯଥାର୍ଥତା ରହିଛି ବୋଲି ସଦସ୍ୟମାନେ ପ୍ରକାଶ କରିଛନ୍ତି । ଏଠାରେ ଜିଲ୍ଲାପାଳ ଓ ଏସପିଙ୍କ କାର୍ଯ୍ୟାଳୟ ଖୋଲିବାର ଆବଶ୍ୟକତା ଓ ଯଥାର୍ଥତା ସମ୍ପର୍କରେ ପ୍ରଗତି ମଞ୍ଚର ସଂପାଦକ ଆଇନଜୀବୀ ଦିବ୍ୟପ୍ରସାଦ ସାହୁ ସୂଚନା ଦେଇଥିଲେ । ଏହି ଉପଖଣ୍ଡ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ମଧ ଅବହେଳିତ ରହିଛି । ମଞ୍ଚର ସଭାପତି ସଂଜୟ କୁମାର ସାହୁ, ଆଇନଜୀବୀ ଦିବ୍ୟପ୍ରସାଦ ସାହୁ, ଉପ ସଭାପତି ଉମାଶଙ୍କର ଦାସ, ଯୁଗ୍ମ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, କୋଷାଧକ୍ଷ ସୁଧିର ଭାରୁକା, ଆବାହକ ଜଗମୋହନ ମହାନ୍ତ, ବରିଷ୍ଠ ନାଗରିକ ସଂଘର ସର୍ବେଶ୍ୱର ମିଶ୍ର, ଅଭିମନ୍ୟୁ ତ୍ରିପାଠୀ, ସବିତା ମହାନ୍ତି, ନଳିନ ଚନ୍ଦ୍ର ଘନା, ପ୍ରେସ କ୍ଲବରୁ କର୍ଣ୍ଣାର୍ଜୁନ ସାହା ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି ପାଞ୍ଚପିଢ଼କୁ ଜିଲ୍ଲା ଘୋଷଣା ଦାବି କରିଥିଲେ । ଆନ୍ଦୋଳନସ୍ଥଳରେ ପାଞ୍ଚପିଢ଼ ଉପଜିଲ୍ଲା ।ଳ ଦାୟିତ୍ୱରେ ଥିବା ପ୍ରକାଶ କୁମାର ଦାସ, ସେକ୍ସନ୍ ଅଫିସର ଧିରେନ କୁମାର ଭୋଇ ପହଞ୍ଚି ଦାବି ସଂପର୍କରେ ପଚାରି ବୁଝିଥିଲେ । ତେବେ ଏହି ଆନ୍ଦୋଳନ ୮ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବ । ପରେ କରଞ୍ଜିଆ ବନ୍ଦ, ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ ହେବାର ସ୍ଥିର ହେଇଥିବା ସୂଚନା ଦେଇଛନ୍ତି ସଭାପତି ସଞ୍ଜୟ କୁମାର ସାହୁ ।

## ଓଡ଼ିଶା ସ୍କୁଲ୍, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ବିକ୍ଷୋଭ




ବଡସାହି,୨।୮ (ସମିସ): ରାଜ୍ୟ ସଂଗଠନ ନିର୍ଦ୍ଦେଶ କ୍ରମେ ଓଡ଼ିଶା ସ୍କୁଲ୍, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି, ବଡସାହି ବ୍ଲକ୍ ତରଫରୁ ଓଷ୍ଟା ବ୍ଲକ୍ ସଭାପତି ହରିଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରଭାସ କୁମାର ନାୟକ, ବ୍ଲକ୍ ସହ ସମ୍ପାଦକ,ଲକ୍ଷ୍ମୀଧର ମହାନ୍ତ, ମଞ୍ଜୁଲତା ବେହେରା, ଉପସଭାପତି ଅଞ୍ଜଳି ଦଣ୍ଡପାଟ, ରତିକାନ୍ତ ପରିଡ଼ା ଦିଲ୍ଲୀପ ମହାନ୍ତ, ପ୍ରଧାନ ଶିକ୍ଷକ ସନ୍ତୋଷ ବେହେରା, ଅମିତା ରଞ୍ଜିତ ଜିଲ୍ଲା ସହକାରୀ ସଦସ୍ୟ ଦେବରାଜ ନାୟକ ପ୍ରମୁଖ ବହୁ ଶିକ୍ଷକ ଯୋଗଦେଇଥିଲେ । ପରେ ଏକ ପ୍ରତିନିଧି ଦଳ ଗୋଷ୍ଠୀ, ଉପ ଶିକ୍ଷା ଅଧିକାରୀ ରାଧିଆ ଚରଣ ମୁଣ୍ଡାଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ୬ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ । ଅନୁଦାନ ଯୋଗ୍ୟ ସମସ୍ତ ସ୍କୁଲ କଲେଜକୁ ତୁରନ୍ତ ଅନୁଦାନ ପ୍ରଦାନ, ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସ୍ୱଳ୍ପ ବେତନରେ କାମ କରି ଅବସର ଗ୍ରହଣ କରିଥିବା ଓ ଅବସର ଗ୍ରହଣ କରିବାକୁ ଥିବା ଶିକ୍ଷକ ଶିକ୍ଷା କର୍ମଚାରୀଙ୍କୁ ଅବସର କାଳୀନ ସହାୟତା ରାଶି ପ୍ରଦାନ କରିବା, ୧୯୭୪ ଶିକ୍ଷା ନିୟମ ଅନୁସାରେ ଅନୁଦାନ ପ୍ରାପ୍ତ କର୍ମଚାରୀ ମାନଙ୍କ ଅବସର ବୟସସୀମା ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି କରିବା, ପୂର୍ଣ୍ଣ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକୁ ସରକାରୀ କରଣ କରିବା ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତି ଭିତ୍ତିକ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ୬ଟି ଇନକ୍ରିମେଣ୍ଟ ପ୍ରଦାନ କରିବା, ଗ୍ରେଡ ପେ'ର ତାରତମ୍ୟକୁ ଦୂର କରିବା ଆଦି ଦାବି ରହିଛି । ଶେଷରେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ବାରିକ ଧନ୍ୟବାଦ୍ ଦେଇଥିଲେ ।

## ଲେଡିଜ ଟେଲରଙ୍କ ମୋବାଇଲ ଲୁଟ୍

ଡୁରୁମୁଙ୍ଗା. ୨।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ମଲ୍ଲିପଶି ବଜାରରେ ଥିବା ଏକ ମହିଳା ଟେଲର ଦୋକାନରେ ପଶି ମହିଳାଙ୍କ ମୋବାଇଲ ଲୁଟିନେଇଛନ୍ତି ଦୁର୍ବୃତ୍ତ । ଶନିବାର ମଧ୍ୟାହ୍ନରେ ୨ଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ଆସି ଲେଡିଜ୍ ଟେଲର ଝୁନୁଲତା ମହାନ୍ତଙ୍କ ନିକଟକୁ ଯାଇ ସାର୍ଟ ସିଲାଇ ଦେବାକୁ କହିଥିଲେ । ଏହାପରେ ସିଲେଇ ମେସିନ ଉପରେ ଥିବା ତାଙ୍କ ସ୍ମାର୍ଟ ଫୋନକୁ ନେଇ ଡୁମୁରିଆ ରାସ୍ତାରେ ଚମ୍ପଟ ମାରିଥିଲେ । ଖବର ପାଇ ଘଟଣାସ୍ଥଳରେ ପାଟଣା ପୁଲିସ ପହଞ୍ଚି ଲୁଟେରାଙ୍କୁ ଧରିବା ପାଇଁ ଛାନ୍‌ଭିନ୍ ଜାରି ରଖିଛି । ପାଟଣା ଥାନାରେ ଏକ ମାମଲା ରୁଜୁ ହେବା ସହ ଏସ୍‌ଆଇ ଗୌରହରି ଗାରଡ଼ିଆ ଘଟଣାର ତଦନ୍ତ କରୁଛନ୍ତି ।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା




ହାଟଡ଼ିହୀ,୨।୮ (ସମିସ): ହାଟଡ଼ିହୀ ବ୍ଲକ ବେଲମଳା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ଜେନାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପ୍ରାକ୍ତନ ଏବିଇଓ ଚତୁର୍ଭୁଜ ପହିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ମୋହନ ଚରଣ ମହାନ୍ତି, ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ନାରାୟଣଚନ୍ଦ୍ର ଲେଙ୍କା, ସମ୍ମାନିତ ଅତିଥି ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ହାଟଡିହୀ ଶାଖାର ସଭାପତି ଶ୍ରୀକାନ୍ତ ବିଶ୍ୱାଳ ଓ ସଂଯୋଜକ ପ୍ରଦିପ କୁମାର ନାୟକ, ସୁରେନ୍ଦ୍ର ଶା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୁଦ୍ଧଦେବ ରାଉତ, କେଶବଚନ୍ଦ୍ର କର, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନୁପମା ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ । ସହଶିକ୍ଷୟିତ୍ରୀ ସବିତା ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ଗଦାଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ପକ୍ଷରୁ ସୁରେନ୍ଦ୍ର କୁମାର ଜେନାଙ୍କୁ ମାନପତ୍ର ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଟଙ୍କା ପାଇଁ ନାବାଳକକୁ ଅପହରଣ

ରାମଚନ୍ଦ୍ରପୁର,୨।୮ (ସମିସ): ରାମଚନ୍ଦ୍ରପୁର ଥାନା ଗଡବାନ୍ଧଗୋଡା ମୁସଲମାନ ବସ୍ତିରେ ଘଟିଛି ଏକ ଅଭାବନୀୟ ଘଟଣା । ଅବଦୁଲ କରିମ(୨୬) ନାମକ ଜଣେ ଯୁବକ ସେହି ଗ୍ରାମର ନାବାଳକ ସେକ ସାହିଲ ଆଲମ୍ (୧୭)କୁ ଗତକାଲି ସଂଧ୍ୟା ସାଢେ ୭ଟା ସମୟରେ ନିଜ ବାଇକରେ ବସାଇ ଗାଁ କାଜୁ ଜଙ୍ଗଲ ପଟେ ନେଇ ମୋବାଇଲ ଛଡାଇନେବା ସହ ୫ ହଜାର ଟଙ୍କା ନଦେଲେ ତତେ ମାରିଦେବି କହି ଏକ ଧାରୁଆ ଛୁରିରେ ଭୟଭୀତ କରିଥିଲା । ନାବାଳକ ଜଣକ ହାଡବାହାଳି ଗାଁଲୋକଙ୍କୁ ଘଟଣା ସମ୍ପର୍କରେ କହିବା ପରେ ପରିବାର ଲୋକ ଖବର ପାଇ ସେଠାରୁ ପୁଅକୁ ଉଦ୍ଧାର କରିଥିଲେ । ପରେ ନାବାଳକ ପିତା ସେକ୍ ଏକ୍ରାମ ଅଲ୍ଲି ରାମଚନ୍ଦ୍ରପୁର ଥାନାରେ ଏତଲା ଦାଏର କରିଥିଲେ । ପୁଲିସ ଏତଲା ଏବଂ ବୟାନ ଆଧାରରେ ତଦନ୍ତ ଜାରି ରଖିଛି ।

## ବିକ୍ରମଦେବ ରାଉତରାୟଙ୍କୁ ପୁରସ୍କାର ପ୍ରଦାନ




ହାଟଡ଼ିହୀ,୨।୮ (ସମିସ): ହାଟଡ଼ିହୀ ବ୍ଲକ ବଞ୍ଚେ ଗ୍ରାମର ବିକ୍ରମଦେବ ରାଉତରାୟ ଅଳ୍ପ ସମୟ ମଧ୍ୟରେ ଭାରତର ୫୪୩ ଲୋକସଭା ଆସନର ନାମ କହିବା ଓ ମାନଚିତ୍ରରେ ଲୋକସଭା ଆସନଗୁଡିକୁ ଚିହ୍ନଟ କରିବା ଭଳି ଦୁଇ ଦୁଇଟି ବିଶ୍ୱ ରେକର୍ଡ ହାସଲ କରିଥିଲେ । ସେଥିପାଇଁ ଗତକାଲି ଗୁଜୁରାଟର ଅହମ୍ମଦାବାଦଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏଥିପାଇଁ ବ୍ଲକ ସମେତ ସମଗ୍ର ବଞ୍ଚୋ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି । ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୂର୍ବତନ ବିଧାୟକ ଜୟଦେବ ଜେନା, ମାୟାଧର ଜେନା, ଭାଗୀରଥ ସେଠୀ, ବିଜେପି ନେତା ଆଲୋକ ସେଠୀ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତ ସିଂହାର, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ସରପଞ୍ଚ ପ୍ରଶାନ୍ତ ରାଉତ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

■ ଉଦ୍ୟାନ କୃଷି ବିଭାଗର କାଜୁ ଚାରାରୋପଣରେ ବ୍ୟାପକ ଦୁର୍ନୀତି

## କର୍ମଚାରୀଙ୍କଠାରୁ ଅର୍ଥ ଆଦାୟ ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସୁପାରିସ୍



ଡୁରୁମୁଙ୍ଗା, ୨।୮ (ସମିସ): ସରକାରୀ ପାଣ୍ଠିର ବଡଧରଣର ଅପବ୍ୟବହାର ଏବଂ କାର୍ଯ୍ୟକାରୀ ଅଧିକାରୀଙ୍କ ମଧ୍ୟରେ ଉତ୍ତରଦାୟିତ୍ୱର ଅଭାବକୁ ଲକ୍ଷ୍ୟ କରି ତ୍ରୁଟିପୂର୍ଣ୍ଣ ଅଧିକାରୀଙ୍କ ପ୍ରତି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହିତ ଅନୁପାତ ଅନୁଯାୟୀ ୫ ଜଣ ଅଧିକାରୀଙ୍କଠାରୁ ୨୧ଲକ୍ଷ ୨୨ହଜାର ୮ଶହ ୯୨ ଟଙ୍କା ଆଦାୟ କରିବା ପାଇଁ ସୁପାରିସ କରାଯାଇଛି । କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ବିଭିନ୍ନ ପଞ୍ଚାୟତରେ ୨୦୨୩-୨୪ ଆର୍ଥିକ ବର୍ଷରେ ଉଦ୍ୟାନ କୃଷି ବିଭାଗ ତରଫରୁ ମନରେଗା ଯୋଜନାରେ ସ୍ଥାନୀୟ ଲୋକଙ୍କ ଜରିଆରେ ୧୩ଟି ସ୍ଥାନରେ କଲମୀ କାଜୁ ଏବଂ ଆପେଲ ବେରୀ ବୃକ୍ଷ ରୋପଣ କରାଯାଇଥିଲା । ଅବହେଳା ଏବଂ ତ୍ରୁଟିପୂର୍ଣ୍ଣ ପରିଚାଳନା ପାଇଁ କୌଣସିଠାରେ ଗୋଟିଏ ମଧ ଗଛ ବଞ୍ଚି ନ ଥିଲା । ଏନେଇ କେନ୍ଦୁଝର ସାଂସଦଙ୍କ ଉଦ୍ୟାନ କୃଷି ବିଭାଗର ପ୍ରତିନିଧି ଶିବାଜୀ ଗୌତମ ମହାନ୍ତ ବର୍ମା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ପରେ ସିଡିଓ କମ ଏଡିପିସି (ଏମଜିଏନଆର୍‌ଇଜିଏସ୍) ଏବଂ ଜିଲ୍ଲା ପରିଷଦ କେନ୍ଦୁଝର ନିର୍ଦ୍ଦେଶରେ ଲୋକପାଳ ବୃଷଭଚନ୍ଦ୍ର ନାୟକ, ତପନ ସେଠୀଙ୍କ ସହ ଉଦ୍ୟାନ ସାଥୀ ଏବଂ ଅଭିଯୋଗକାରୀଙ୍କ ଉପସ୍ଥିତିରେ ସମସ୍ତ ବୃକ୍ଷ ରୋପଣ ସ୍ଥାନ ବୁଲି ତଦନ୍ତ କରିବା ସହ ଚାଷୀ ଏବଂ ଉଦ୍ୟାନ ସାଥୀ ଙ୍କ ସହ ଆଲୋଚନା କରିଥିଲେ । ଅଭିଯୋଗ ଯଥାର୍ଥ ବୋଲି ତାଙ୍କ ତଦନ୍ତ ରିପୋର୍ଟରେ ଦର୍ଶାଇବା ସହ ମୋଟ ସରକାରୀ ପାଣ୍ଠିର ବଡଧରଣର ଅପବ୍ୟବହାର ପାଇଁ ଜରିମାନା ବାବଦ ଅର୍ଥର ୩୦ ପ୍ରତିଶତ କେନ୍ଦୁଝର ଉଭଏ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କଠାରୁ, ୦୫ ପ୍ରତିଶତ ଗୋବିନ୍ଦ ମେହେରଙ୍କଠାରୁ, ୨୦ ପ୍ରତିଶତ ପାଟଣା ବ୍ଲକ ତପନ ସେଠୀଙ୍କ ଠାରୁ, ୨୫ ପ୍ରତିଶତ ପାଟଣା ବ୍ଲକ ବିଜୟ ଦାଶ ଙ୍କଠାରୁ ଏବଂ ୨୦ ପ୍ରତିଶତ ପାଟଣା ବ୍ଲକ ଅବିନାଶ ସେଠୀଙ୍କ ଠାରୁ ଆଦାୟ କରିବା ପାଇଁ କରାଯିବା ସହିତ ଉପରୋକ୍ତ ପ୍ରତ୍ୟେକ ଅଧିକାରୀଙ୍କଠାରୁ ୧୦୦୦ ଟଙ୍କା ଲେଖାଏଁ ଜରିମାନା ସହ ଦୃଢ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶସ କରାଯାଇଛି । ଉଦ୍ୟାନ ବିଭାଗରେ କଲମୀ କାଜୁ ରୋପଣରେ ବ୍ୟାପକ ଦୁର୍ନୀତି ନେଇ 'ସକାଳ'ରେ ଖବର ପ୍ରକାଶ ପରେ ଗତ ମାର୍ଚ୍ଚ ୧୩ରେ ଲୋକପାଳ ତଦନ୍ତ କରିଥିଲେ ।

## ପୃଥକ ସ୍ଥାନରେ ସାପ କାମୁଡାରେ ୨ ମୃତ

କପ୍ତିପଦା/ଉଦଳା,୨।୮ (ସମିସ): ଶୁକ୍ରବାର ରାତିରେ କପ୍ତିପଦା ଏବଂ ଉଦଳା ଥାନା ଅଞ୍ଚଳରେ ଦୁଇଜଣଙ୍କୁ ସାପ କାମୁଡି ଦେବାରୁ ଉଭୟଙ୍କ ମୃତ୍ୟୁ ଘଟିଛି । ଜଣେ ଘରେ ଶୋଇଥିବାବେଳେ ଆଉ ଜଣେ ରୋଷେଇ ପାଇଁ କାଠ ବାହାର କରୁଥିବା ବେଳେ ସାପ କାମୁଡି ଦେଇଥିଲା । ସୂଚନା ଅନୁସାରେ, କପ୍ତିପଦା ଥାନା ଗୋଳାଗଡିଆ ଗ୍ରାମର ଜୟନ୍ତୀ ବେହେରା ଶୁକ୍ରବାର ରାତିରେ ଖାଇ ସାରି ଘରେ ଶୋଇଥିବା ବେଳେ ଏକ ଚିତିସାପ ତାଙ୍କୁ କାମୁଡି ଦେଇଥିଲା । ପରେ ପରିବାର ଲୋକେ ତାଙ୍କୁ ତୁରନ୍ତ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଥିଲା; କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେହିପରି ଉଦଳା ଥାନା ମଉଦା ଗ୍ରାମର ସୁକାନ୍ତୀ ବାସ୍କେ ମନ୍ଦିର ପୂଜା ସାରି ଘରେ ପହଞ୍ଚି ରୋଷେଇ କରିବାକୁ ଯାଇଥିଲେ । ରୋଷେଇ ପାଇଁ କାଠ ଆଣିବାକୁ ଯାଇଥିବା ବେଳେ ଏକ ନାଗ ସାପ ତାଙ୍କୁ କାମୁଡି ଦେଇଥିଲା । ପରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ବିଶୋଇ,୨।୮ (ସମିସ): ବିଶୋଇ ବ୍ଲକସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ତୁଳସୀ ସିଂକ୍ରି ହାଁସଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁ, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ଏବିଡ଼ିଓ ଆକାଶ ପଣ୍ଡା, ଥାନା ଆଇଆଇସି ଶରତ ଚନ୍ଦ୍ର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପଲେଇ, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ, ବିଇଓ କପିଳେନ୍ଦ୍ର ଦାସ ସମେତ ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ, ସମସ୍ତ ବିଭାଗୀୟ ଅଧିକାରୀ, ନେତାଜୀ କ୍ଲବ ସଦସ୍ୟ ଏବଂ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର ବିବରଣୀ ପାଠ କରିଥିଲେ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବିଶୋଇ ସରକାରୀ ଏସ୍.ଏସ୍.ଡି ଉଚ୍ଚବିଦ୍ୟାଳୟ ଖେଳ ପଡିଆ ପରିସରରେ ଆଡ଼ମ୍ବର ସହକାରେ ସ୍ୱାଧୀନତା ଦିବସ ପାଳନ ହେବ । ସକାଳେ ପ୍ରଭାତ ଫେରି ସମାପ୍ତ ପରେ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷାଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯିବ । ପରେ ବିଶୋଇ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସରେ ସାରସକଣା ବିଧାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିବେ ।

## ସୁବର୍ଣ୍ଣରେଖା କେନାଲ ନିର୍ମାଣରେ ଅନିୟମିତତା



ମୋରଡ଼ା,୨।୮ (ସମିସ): ଚାଷ ଜମିକୁ କେନାଲ ମାଧ୍ୟମରେ ପାଣି ପହଞ୍ଚାଇବା ପାଇଁ ଦୀର୍ଘବର୍ଷ ଧରି ନିର୍ମାଣ ଚାଲିଛି ସୁବର୍ଣ୍ଣରେଖା ଜଳ ସେଚନ ପ୍ରକଳ୍ପ । ହେଲେ ଶନିବାର ରାସ୍ତା ଓ ଡ୍ରେନେଜ ସମସ୍ୟା ଯୋଗୁଁ ମୋରଡ଼ା ବ୍ଲକ ଗଡ଼ିଗାଁ ଗ୍ରାମ ପଞ୍ଚାୟତରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ନିକଟରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଗ୍ରାମର ଗୁରୁଚରଣ ମହାନ୍ତଙ୍କ ଅଭିଯୋଗ ମୁତାବକ ବେତନଟୀ ସୁବର୍ଣ୍ଣରେଖା ଡିଭିଜନ ପେକେଜ ନମ୍ବର ୧ର ମୁଖ୍ୟକେନାଲ ନିର୍ମାଣ ପାଇଁ ଅମୂଲ୍ୟ ବେହେରାଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି । ସେ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ୪କିମି କେନାଲ ମଧ୍ୟରେ ଗଡ଼ିଗାଁ ନିକଟରେ ପିଚୁ ରାସ୍ତା ଏବଂ ରାସ୍ତାକୁ ଖୋଳି ପାଞ୍ଚଟି ଅଣ୍ଡର ଟନେଲ ନିର୍ମାଣ ଚାଲିଛି । ଟନେଲ ନିର୍ମାଣ କରିବା ସମୟରେ ଲୋକଙ୍କ ଯାତାୟାତ ପାଇଁ ଠିକ ଭାବେ ଡାଇଭର୍ସନ ରୋଡ଼ ନିର୍ମାଣ କରାଯାଇ ନ ଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି । ଟନେଲ ନିକଟରେ ବର୍ଷାଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଗ୍ରାମର ଲଗେନ ମହାନ୍ତ, ସୁଶାନ୍ତ ମହାନ୍ତଙ୍କ ସମେତ ବହୁ ଲୋକଙ୍କ ଘରେ ପାଣି ପଶୁଛି । ଏହାବ୍ୟତୀତ ସହଦେବ ପାତ୍ରଙ୍କ ୧ଏକର ୭ ଡେସିମିଲ ଜମିରେ କେନାଲ ପାଇଁ ପଡିଥିବା ମୋରମ ବର୍ଷାଜଳରେ ଭାସି ପଳାଇ ଜମିରେ ଚରି ଯାଇଛି । ତେବେ ସମସ୍ୟାର ସ୍ଥାୟୀ ସମାଧାନ ଦାବି କରି ଅଞ୍ଚଳର ଲୋକମାନେ ନିର୍ମାଣ ବନ୍ଦ କରିଥିଲେ । ଫଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଘଟଣାସ୍ଥଳରେ ଏସ୍‌ଡ଼ିଓ ଅଜିତ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ଲୋକେଶ ଭଳ ଏବଂ ଠିକାଦାର ଅମୂଲ୍ୟ ବେହେରା ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ଏସ୍‌ଡ଼ିଓ ଶ୍ରୀ ସାହୁ କହିଛନ୍ତି ପୂର୍ବରୁ ସର୍ଭେ ଅନୁସାରେ ଡ୍ରଇଂ ହୋଇଥିଲା ତେବେ ବର୍ତ୍ତମାନ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଆଗାମୀ ୭ ଦିନ ମଧ୍ୟରେ ଡାଇଭର୍ସନ ରାସ୍ତା ଓ ଡ୍ରେନେଜ ସମସ୍ୟା ଦୂର କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡିଥିଲା ।

**ପିଚୁରାସ୍ତା ଖୋଳି ନିର୍ମାଣ ହେଉଛି ଟନେଲ**

## ସୋନ ବନ୍ଧରେ ଜଳସ୍ତର ବୃଦ୍ଧି; ସତର୍କ ରହିବାକୁ ପ୍ରଶାସନର ସୂଚନା

କପ୍ତିପଦା,୨।୮ (ସମିସ): କପ୍ତିପଦା ବ୍ଲକ ଅଧୀନରେ ଥିବା ସୋନବନ୍ଧରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଉପର ମୁଣ୍ଡରେ ଅଧିକ ବର୍ଷା ହେବା ଯୋଗୁଁ ଡ୍ୟାମର ଜଳ ସ୍ତର ବୃଦ୍ଧି ପାଉଛି । ଶୁକ୍ରବାର ବନ୍ଧରେ ୮୩.୫ ପ୍ରତିଶତ ଜଳ ମହଜୁଦ ରହିଛି । ଅଗଷ୍ଟ ମାସ ଶେଷ ସୁଦ୍ଧା ବନ୍ଧରେ ୮୨.୯୫ ମହଜୁଦ ରହିବା କଥା । ଆଗକୁ ବର୍ଷା ହେଲେ ଜଳସ୍ତର ଅଧିକ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ପ୍ରଶାସନ ତରଫରୁ ଡାକବାଜି ଦ୍ୱାରା ଲୋକଙ୍କୁ ସତର୍କ କରାଇ ଦିଆଯାଇଥିବା ଜେଇ ସଞ୍ଜୟ ନାୟକ ପ୍ରକାଶ କରିଛନ୍ତି ।

## କେନ୍ଦୁଖୁଣ୍ଟାରେ କଙ୍ଗାରୁ କୋର୍ଟ ଅଭିଯୋଗ



ରାମଚନ୍ଦ୍ରପୁର,୨।୮ (ସମିସ): ରାମଚନ୍ଦ୍ରପୁର ଥାନା କେନ୍ଦୁଖୁଣ୍ଟା ଗ୍ରାମର ମନୋଜ ଘଡେଇଙ୍କ ପତ୍ନୀ ମଞ୍ଜୁଲତା ରାମଚନ୍ଦ୍ରପୁର ଥାନାରେ ପହଞ୍ଚି ପଡୋଶୀ ନାମରେ ସଙ୍ଗିନ ଅଭିଯୋଗ କରିଛନ୍ତି । ପୂର୍ବ ଶତୃତାକୁ କେନ୍ଦ୍ର କରି ପଡୋଶୀ କୈଳାସ ବାରିକ, ସତ୍ୟବ୍ରତ ବାରିକ, ମିଞ୍ଜ ରାଉତ, ସୁଶୀଳ ରାଉତ, ଅଜୟ ରାଉତ, ଶ୍ରୀକାନ୍ତ ରାଉତ, ପାଗଳ ବାରିକ, ଦୀପକ ରାଉତ ପ୍ରମୁଖ ସଂଘବଦ୍ଧ ହୋଇ ତାଙ୍କୁ ଚାଷ ଜମିକୁ ଛାଡିବାକୁ ଦେଉନାହାନ୍ତି । ଏମିତିକି ଜମି ଚାଷ କରିବାକୁ ଆସୁଥିବା ଟ୍ରାକ୍ଟରକୁ ବି ବାରଣ କରିବା ସହ ଭୟଭୀତ କରି ବିଭିନ୍ନ କାର୍ଯ୍ୟରେ ବାଧା ଉପୁଜାଉଛନ୍ତି । ଫଳରେ ଚାଷ ଜମି ପଡିଆ ରହିଛି । ନିଜ ଜୀବନ ପ୍ରତି ବିପଦ ଆଶଙ୍କା କରି ଉଭୟ ପତିପତ୍ନୀ ନିରୁପାୟ ହୋଇ ରାମଚନ୍ଦ୍ରପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

## ଦାବି ପୂରଣ କରିବାକୁ ସମ୍ମନ୍ୱୟ ସମିତିର ଚେତାବନୀ

ବାରିପଦା, ୨।୮ (ସମିସ): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ ରାଜ୍ୟର ୩୧୪ଟି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଚାଲିଛି । ଏହି ଅବସରରେ ସ୍ଥାନୀୟ ବାରିପଦାର ମୁର୍ଗାବାଡିସ୍ଥିତ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସମ୍ପାଦକ ପ୍ରଦୀପ ଚନ୍ଦ୍ରମହାନ୍ତଙ୍କ ସଂଯୋଜନାରେ ଉପସଭାନେତ୍ରୀ ଅନୁପମା ବେହେରାଙ୍କ ସଭାପତିତ୍ୱରେ ୯ଟି ନୂତନ ଅନୁଦାନ ପ୍ରାପ୍ତ, ଗୋଟିଏ ଅନୁଦାନ ପ୍ରତ୍ୟାଶୀ ବିଦ୍ୟାଳୟ ସରକାରୀ ବିଦ୍ୟାଳୟର ଶିକ୍ଷକ କର୍ମଚାରୀ ଯୋଗ ଦାନ କରି ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶିକ୍ଷା ନୀତିର ସମାଲୋଚନା କରିଥିଲେ । ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଳତା ଏଥିରେ ଉପସ୍ଥିତ ରହି ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ । ସରକାର ଯଦି ତୁରନ୍ତ ସକାରାତକ ପଦକ୍ଷେପ ନ ନିଅନ୍ତି ତେବେ ଆସନ୍ତା ୮ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାସହିତ ଆସନ୍ତା ୧୬ ତାରିଖ ଶିକ୍ଷକ ଦାବିଦିବସରେ ରାଜଧାନୀର ପିଏମଜି ରାଜାମାର୍ଗରେ ୫୦ହଜାରରୁ ଅଧିକ ଶିକ୍ଷକ କର୍ମଚାରୀ ଯୋଗଦାନ କରି ପ୍ରତିବାଦ ଜଣାଇବେ ।

**ଉଭୟଚର ଜଗତର ଅନନ୍ୟ ପ୍ରାଣୀ ଗେଣ୍ଡା**

# ଗ୍ରାମାଞ୍ଚଳରେ ଏବେ ବି ରହିଛି ଆଦର



ଆନନ୍ଦପୁର, ୨।୮ (ସମିସ): ଖରାଦିନେ ଜଳାଶୟ, ଖାଲ ପାଟିଆ, ଜଳପୁଟ ଆଦି ସ୍ଥାନରେ ଜଳସ୍ତର ଶୁଖିଯିବା ପରେ ଯେଉଁଠି ପାଣି ମୁଦାଏ ଥାଏ ସେଠାରେ ଛୋଟ ଛୋଟ ଶାମୁକା, କୁଜି ଗେଣ୍ଡା ଦେଖିବାକୁ ମିଳନ୍ତି । ବିଭିନ୍ନ ପ୍ରଜାତିର ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଆସି ଏହାକୁ ଖାଇଥାନ୍ତି । ମଣିଷ ପକ୍ଷୀମାନଙ୍କ ଖାଦ୍ୟକୁ ଏବେ ସହଜରେ ଗ୍ରହଣ କରିନେଲେଣି । କାରଣ ଏହି କୁଜି ଗେଣ୍ଡା ଓ ଶାମୁକାରେ ପ୍ରଚୁର ପରିମାଣରେ ଭିଟାମିନ୍ ରହିଛି । ପକ୍ଷୀମାନେ ସିଧାସଳଖ ଖାଦ୍ୟରୂପେ ଗ୍ରହଣ କରି ନିରୋଗ ରହୁଛନ୍ତି । ଆନନ୍ଦପୁର ଉପାନ୍ତ ଅଞ୍ଚଳରେ କେତେକ ଜନଜାତି ସମ୍ପ୍ରଦାୟର ଲୋକମାନେ ଏହାକୁ ନେଇ ପ୍ରଥମେ ଗରମ ପାଣିରେ ପକାଇ ତା'ର ଲାଳଅଂଶ ବାହାର କଲାପରେ ଖୋଳପା ବାହାର କରି ତା' ଭିତର ମାଂସକୁ ତରକାରୀ କରି ଖାଉଛନ୍ତି । କଙ୍କଡ଼ା, ଗେଣ୍ଡା, ଶାମୁକା ଶରୀର ପାଇଁ ଖୁବ୍ ଉପଯୋଗୀ କୁହାଯାଉଥିବା ବେଳେ ଜନଜାତି ସମ୍ପ୍ରଦାୟ ଯୁବକମାନେ ଖରାବେଳେ ନିକଟ ଗାଡ଼ିଆ, ପୋଖରୀରୁ କୁଜି ଗେଣ୍ଡା, ଶାମୁକା ସଂଗ୍ରହ କରିଥାନ୍ତି । କେତେଜଣ ଲୋକ ଏହାକୁ ନିଜେ ଖାଇବା ସହ ପଡ଼ୋଶୀ ଜିଲ୍ଲାକୁ ବିକ୍ରି କରିବାକୁ ନେଇଥାନ୍ତି । କୁଜି ଗେଣ୍ଡା ଓ ଶାମୁକା କିଲୋ ପ୍ରତି ୩୦-୪୦ ଟଙ୍କାରେ ବିକ୍ରି କରାଯାଇଥାଏ । ତେବେ ବର୍ଷାଦିନ ଆରମ୍ଭରୁ ବଡ଼ ଗେଣ୍ଡା, ଶାମୁକାଗୁଡ଼ିକ ଡିମ୍ବ ଦେବା ପୂର୍ବରୁ ଏହାକୁ ଖାଦ୍ୟ ରୂପେ ଗ୍ରହଣ କରାଯାଏ । ଗେଣ୍ଡା, ଶାମୁକା ମାଂସକୁ ଖାଦ୍ୟ ରୂପେ ଗ୍ରହଣ କଲେ ଶରୀରରେ ଭିଟାମିନ୍ ଏ' ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସହ ଆଇରନ୍ ବା ଲୌହସାର ଏବଂ କ୍ୟାଲସିୟମ ମିଳିଥାଏ । ଶରୀରରେ ଚର୍ବିଅଂଶ ହ୍ରାସ କରିବା ସହ ଲୋ ଫ୍ୟାଟ୍ ରଖିଥାଏ । ଏଥିଯୋଗୁ ହୃଦ୍‌ଘାତ ଆଶଙ୍କା ହ୍ରାସ ପାଇବା ସହ ଶରୀର ପାଇଁ ଖୁବ୍ ଉପଯୋଗୀ ବୋଲି ଜଣେ ଜନଜାତି ସମ୍ପ୍ରଦାୟର ବୁଦ୍ଧିଜୀବୀଙ୍କ ସହିତ ଆଲୋଚନାରୁ ଜଣାଯାଇଛି ।

## ଜିଲ୍ଲା ଦୌରାଜଜଙ୍କ ନୂତନ କୋଠା ପରିଦର୍ଶନ

ବେତନଟୀ,୨।୮ (ସମିସ): ବେତନଟୀରେ ନିର୍ମାଣାଧୀନ ନୂତନ କୋର୍ଟ କୋଠା ପରିଦର୍ଶନ କରିଛନ୍ତି ଜିଲ୍ଲା ଦୌରାଜଜ । ଜିଲ୍ଲାଜଜ ସୁଦୀପ୍ତ ଆଚାର୍ଯ୍ୟ, ଚିଫ ଜଷ୍ଟିସ ମାଜିଷ୍ଟ୍ରେଟ ଦେବାଶିଷ ମହାନ୍ତି, ଅତିରିକ୍ତ ଜିଲ୍ଲାଜଜ ସୁମନ କୁମାର ମିଶ୍ର, ଅତିରିକ୍ତ ସବ ଜଜ ସୂର୍ଯ୍ୟ ଦାସ, ରେଜିଷ୍ଟ୍ରର ସିଭିଲ କୋର୍ଟ ନିହାର ରଞ୍ଜନ ସାହୁ ପ୍ରମୁଖ ନୂତନ କୋର୍ଟ କୋଠା ପରିଦର୍ଶନ କରି ଫେରିଯାଇଛନ୍ତି । ତୁରନ୍ତ ନିର୍ମାଣ ଶେଷ କରିବା ପାଇଁ ତାଗିଦା କରିଥିଲେ । ଆସନ୍ତା ଏକ ମାସ ମଧ୍ୟରେ ନୂତନ କୋର୍ଟର ଉଦଘାଟନ ହେବା ନେଇ ଲକ୍ଷ୍ୟ ରଖାଯାଇଥିବା ସୂଚନା ମିଳିଛି । ଏହି ଅବସରରେ ବେତନଟୀ ଜେଏମଏଫସି କୋର୍ଟ ଜଜ ରଶ୍ମିନାରାୟଣୀ ମିଶ୍ର, ଓକିଲ ସଂଘ ସଭାପତି ଦେବବ୍ରତ ପରିଡା, ସମ୍ପାଦକ ପ୍ରବୀର କୁମାର ବାରିକ, ଦୁଖିଆ ମୁର୍ମୁ, ଅର୍ଣ୍ଣବ ଘୋଷ, ବିକାଶ ବେହେରା, ଛତିଶ କୁମାର ସାହୁ, ସଞ୍ଜୟ ଭୂୟାଁ, ଭାଗିରଥି ପଣ୍ଡିତ, ଦୀପକ ଖଣ୍ଡେଲୱାଲ, ସଂହିତା ବିନ୍ଧାଣି ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ ।

